# ପିଲାଙ୍କ ଧରିତ୍ରୀ

ଶନିବାର , ୦୮ ଜାନୁୟାରୀ, ୨୦୨୨



୭ ଜଣା ଅଜଣା

୮ ଆଇନା

୭ କବିତା

# ଖୁଦଭଜାରେ ସ୍ୱାଗତ

ଗପ

ଶୀତଦିନ ହେଲେ ବିଦେଶାଗତ ପକ୍ଷୀମାନେ ଏକ ହ୍ରଦକୁ ଆସନ୍ତି। ହ୍ରଦ କୂଳରେ ଧୀବର ଘର। ଲୁଚି ଛପି ପକ୍ଷୀ ଶିକାର ଓ ବିକ୍ରି କରି ଧୀବର ପେଟ ପୋଷେ। ଧୀବରର ପୁଅ ତା' ବାପାଙ୍କୁ ବାରମ୍ବାର ମନା କରିବା ସତ୍ତ୍ୱେ ସେ ଶୁଣେ ନାହିଁ। ଥରେ ଧୀବରଟି ରାଜ କର୍ମଚାରୀଙ୍କ ହାତରେ ଧରାପଡ଼ିଗଲା। ରାଜ କର୍ମଚାରୀମାନେ ତାକୁ ବନ୍ଦୀ କରି ନେଇଗଲେ। ପକ୍ଷୀ ଶିକାର ଓ ତାଙ୍କ ବଂଶ ନାଶ କରିବା ଦୋଷରେ ରାଜାଙ୍କ ନିର୍ଦ୍ଦେଶକ୍ରମେ ଧୀବରଟିକୁ ଆଜୀବନ ଜେଲଦଣ୍ଡ ଭୋଗିବାକୁ ପଡ଼ିଲା। ଜେଲରେ ରହି ଧୀବରଟି ନିଜ ଭୁଲ ପାଇଁ ଅନୁତାପ କରୁଥାଏ।

ଏମିତି କିଛିଦିନ ଜେଲରେ ରହିବା ପରେ ଥରେ ରାଜା ଧୀବରକୁ ଡକାଇଲେ। ରାଜାଙ୍କୁ ଦେଖି ଧୀବରର ପିଳେହିପାଣି। କାଳେ ଆଉ କ'ଣ ଦଣ୍ଡ ଦେବେ। ଏହା ଭାବି ଭୟରେ ସେ ଥରୁଥାଏ। ହଠାତ୍ ଏକ ବିଦେଶାଗତ ପକ୍ଷୀର ସ୍ୱର ଶୁଭିଲା। ପକ୍ଷୀଟି କହୁଥାଏ ତୁମକୁ ସ୍ୱାଗତ ଧୀବର ଭାଇ। ରାଜା କହିଲେ, 'ତୁମେ ଯାଅ ତୁମ ପୁଅ ସହ ମିଶି ପକ୍ଷୀ ସୁରକ୍ଷା ପାଇଁ କାମ କରିବ। ତୁମେ ବନ୍ଦୀ ଜୀବନରୁ ମୁକ୍ତ ହେଲ। ଏ ପକ୍ଷୀ ତୁମର ମୁକ୍ତ ଜୀବନ ବଦଳରେ ଆମକୁ ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଦେବ ବୋଲି କଥା ଦେଇଛି।' ଏସବୁ କ'ଣ ଘଟୁଛି ଧୀବରଟି କିଛି ବୁଝିପାରୁ ନଥାଏ।

ଧୀବର ଘରେ ପହଁଚିବା ପରେ ପୁଅକୁ ଏକଥା ସବୁ କହିଲା। ପରେ ପୁଅଠାରୁ ସବୁ ଘଟଣା ଶୁଣି ଆଶ୍ଚର୍ଯ୍ୟ ହୋଇଗଲା। ପୁଅ କହିଲା, ବାପା! ତୁମେ ସିନା ପକ୍ଷୀ ଶିକାର କରୁଥିଲ, କିନ୍ତୁ ମୁଁ ସବୁଦିନ ବିଦେଶାଗତ ପକ୍ଷୀଙ୍କୁ ଖୁଦଭଜା ଖାଇବାକୁ ଦେଉଥିଲି। ତୁମେ ବନ୍ଦୀ ହୋଇ ଯିବା ପରେ ମୁଁ ବହୁତ ମନଦୁଃଖ କଲି। ଏହା ଦେଖି ଗୋଟିଏ ପକ୍ଷୀ ମୋଠାରୁ ସବୁକଥା ଶୁଣିଲା ଓ କହିଲା, ମୋତେ ରାଜାଙ୍କ ପାଖକୁ ଯିବାର ବାଟ ବତାଇଦିଅ। ମୁଁ ତୁମ ବାପାଙ୍କୁ ମୁକୁଳାଇ ଦେବି। ଧୀବରର ପୁଅ ପଚାରିଲା କେମିତି? ପକ୍ଷୀଟି କହିଲା, ମୁଁ ଭବିଷ୍ୟତ ବିପର୍ଯ୍ୟୟ ବିଷୟରେ ଜାଣିପାରେ। ସେ ବିଷୟରେ ସୂଚନା ଦେବି ଓ ପକ୍ଷୀମାନଙ୍କୁ ତୁମେ ସୁରକ୍ଷା ଦେଉଛ ବୋଲି କହିବି। ଫଳରେ ତୁମ ବାପାଙ୍କୁ ରାଜା କ୍ଷମା କରିଦେବେ।

ଧୀବରର ପୁଅ ତା' ବାପାଙ୍କୁ ଚାହିଁ କହୁଥାଏ, ବିଦେଶାଗତ ପକ୍ଷୀର କଥା ଅନୁସାରେ ତୁମେ ରାଜକ୍ଷମା ପାଇ ମୁକ୍ତି ପାଇଲ ସିନା, ଏବେ ତୁମକୁ ପକ୍ଷୀ ସୁରକ୍ଷା ପାଇଁ କାମ କରିବାକୁ ପଡିବ। ପୁଅଠାରୁ ଏ କଥା ଶୁଣି ଧୀବର ଆଖିରେ ଲୁହ ଭରିଗଲା। କହିଲା, ମୁଁ ଯେଉଁ ପକ୍ଷୀଙ୍କୁ ଶିକାର କରୁଛି ଆଜି ସେହି ପକ୍ଷୀ ମୋତେ ବନ୍ଦୀ ଜୀବନରୁ ମୁକ୍ତି ଦେଲା। ଅଥଚ ମୁଁ ଆମ ସଂସ୍କୃତିକୁ ଭୁଲି ଅତିଥି ସତ୍କାର ନ କରି ସେମାନଙ୍କୁ ଶିକାର କରି ପେଟ ପୋଷୁଥିଲି। ତା'ପରଠୁ ଧୀବର ଏ ଘଟଣା ବିଷୟରେ ସମସ୍ତଙ୍କୁ ସଚେତନ କରାଇଲା। ବିଦେଶାଗତ ପକ୍ଷୀଟି ବିପର୍ଯ୍ୟୟ ସମ୍ବନ୍ଧରେ ସୂଚନା ଦେବାରୁ ରାଜା ରାଜ୍ୟବାସୀଙ୍କ ଜୀବନ ରକ୍ଷା କରିପାରିଲେ। ପ୍ରତ୍ୟେକ ବର୍ଷ ହାତରେ ଖୁଦଭଜା ଧରି ହ୍ରଦ କୂଳରେ ସବୁ ଲୋକ ଧୀବର ଓ ତା' ପୁଅ ସହ ମିଶି ବିଦେଶାଗତ ପକ୍ଷୀଙ୍କୁ ସ୍ୱାଗତ କଲେ। ଦିନେ ଧୀବର ଦେଖିଲା ତା' ପାଖରେ ଠିଆ ହୋଇଛନ୍ତି ରାଜା ଓ ରାଜାଙ୍କ ହାତରେ ବି ଖୁଦଭଜା। ରାଜା ଧୀବରକୁ ଚାହିଁ ହସୁଥା'ନ୍ତି।



**–ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ଖିଲି ଖିଲି ହସ

(ସାଣ୍ଟା ଏବଂ ପୋଲିସ୍‌ଙ୍କ ମଧ୍ୟରେ କଥାବାର୍ତ୍ତା...)

**ପୋଲିସ୍:** ଅର୍ଡର! ଅର୍ଡର!

**ସାଣ୍ଟା:** ୧ଟା ପିଜା, ୨ଟା ଦୋସା, ୩ଟା ଇଡ୍‌ଲି ଆଉ ହଁ ତା' ସହ ଗୋଟେ କୋଲ୍‌ଡ ଡ୍ରିଙ୍କ୍ସ।

**ପୋଲିସ୍:** ଶଟ୍ ଅପ୍।

**ସାଣ୍ଟା:** ନା ନା ସାର୍। 7 ଅପ୍।

---

**ଶିକ୍ଷକ:** ପିଲାମାନେ ତୁମେ କେବେ ଭଗବାନଙ୍କୁ ଦେଖିଛ କିମ୍ବା ଛୁଇଁଛ କି?

**ଛାତ୍ରମାନେ:** ନା ସାର୍, ଆମେ କେବେ ବି ଦେଖିନୁ କି ଛୁଇଁନୁ।

**ଶିକ୍ଷକ:** ଏହାର ଅର୍ଥ ହେଲା, ଭଗବାନ ନାହାନ୍ତି।

(କିଛି ସମୟ ପରେ ଜଣେ ଛାତ୍ର ଛିଡ଼ା ହୋଇ କହିଲା)

**ଛାତ୍ର:** ସାର୍, ଆପଣ ଆପଣଙ୍କର ବ୍ରେନ୍‌କୁ କେବେ ଛୁଇଁଛନ୍ତି କିମ୍ବା ଦେଖିଛନ୍ତି କି?

**ଶିକ୍ଷକ:** ନା, କେବେ ନୁହେଁ। ତାକୁ କ'ଣ କେବେ ଦେଖିହୁଏ?


**ଛାତ୍ର:** ଠିକ୍ ସାର୍। ତାହାଲେ ଆପଣଙ୍କର ବି କ'ଣ ବ୍ରେନ୍ ନାହିଁ।

---

**ଥରେ ଶ୍ରେଣୀରେ ରାଜୁକୁ ସାର୍ ପଚାରିଲେ, ଆଚ୍ଛା କହିଲୁ:** ଛାତ୍ରର ଡେଫିନେଶନ୍ ବା ସଂଜ୍ଞା କ'ଣ ହେବ?

**ରାଜୁ ସଙ୍ଗେ ସଙ୍ଗେ କହିଲା:** ସାର୍, ଯିଏ ସବୁ ପ୍ରଶ୍ନର ଉତ୍ତର ଦୁଇଟି ଶବ୍ଦରେ ଅତି ସଂକ୍ଷିପ୍ତ ଭାବେ 'ଜଣା ନାହିଁ' ଦେଇଥାଏ.....।

## ରଙ୍ଗ ଦିଅ



## ମତାମତ

- 'ଏଥରର 'ଆଇନା' ପୃଷ୍ଠାରେ ପ୍ରକାଶ ପାଇଥିବା ପିଲାଙ୍କ ଫଟୋ ସୁନ୍ଦର ଲାଗିଲା।
  **– ଫକୀର ମୋହନ ପ୍ରଧାନ, କାମାକ୍ଷାନଗର, ଢେଙ୍କାନାଳ**
- 'ଜଣା ଅଜଣା' ସ୍ତମ୍ଭଟି ପଢ଼ି କେତେକ ନୂଆ ଜିନିଷ ଜାଣିବାକୁ ମିଳୁଛି। ଏହାର ଚିତ୍ରଗୁଡ଼ିକ ମଧ୍ୟ ଆକର୍ଷଣୀୟ ଲାଗୁଛି।
  **– ରାଜଶ୍ରୀ ହୋତା, ପାତ୍ରପଡ଼ା, ଭୁବନେଶ୍ୱର**
- 'କହିଲ ଦେଖି' ସ୍ତମ୍ଭଟି ବେଶ୍ ଶିକ୍ଷଣୀୟ ହୋଇପାରୁଛି।
  **– ବିଜୟଲକ୍ଷ୍ମୀ ସିଂ, ଦାମନଯୋଡ଼ି,କୋରାପୁଟ**
- 'ଗିନିଜ୍ ୱାର୍ଲ୍ଡ ରେକର୍ଡ଼' ସ୍ତମ୍ଭଟିରେ ପ୍ରକାଶ ପାଇଥିବା 'ଗରମ ବାୟୁରେ ଚାଲି ବିଶ୍ୱ ରେକର୍ଡ଼' ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା।
  **– ରାମେଶ୍ୱର ପରିଡ଼ା, ଭଞ୍ଜନଗର, ଗଞ୍ଜାମ**


ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ଟି ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମ୍ବୁ



କୁହାଯାଏ 'ତୁଳସୀ ଦୁଇପତ୍ରରୁ ବାସେ।' ପିଲାବେଳୁ ହିଁ ଜଣଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣ ପ୍ରସ୍ଫୁଟିତ ହୋଇଥାଏ। ହେଲେ ତା'କୁ ବିକଶିତ କରି ସମାଜ ସାମ୍ନାକୁ ଆଣିବାକୁ ଲୋଡ଼ା ଭଲ ପରିବେଶଟିଏ। ବାପା, ମା', ପରିବାର, ବନ୍ଧୁବାନ୍ଧବଙ୍କ ପ୍ରୋତ୍ସାହନ ସହ ନିଜର ମନୋବଳ, ତାକୁ ଆଗକୁ ବଢ଼ିବାକୁ ଉତ୍ତମ ମାର୍ଗ ଦେଖାଏ। ଆଗ୍ରହ, ଇଚ୍ଛାଶକ୍ତି ଓ ଦୃଢ଼ ମନୋବଳ ଦ୍ୱାରା ସେ ସଫଳତାର ଶୀର୍ଷରେ ପହଞ୍ଚେ। ତା'ର ପରିଶ୍ରମ ହିଁ ତାକୁ ସମାଜରେ ପ୍ରତିଷ୍ଠିତ କରାଏ। ନିଜ ଅନନ୍ୟ ପ୍ରତିଭା ପ୍ରଦର୍ଶନ କରି ସମାଜରେ ପରିଚୟ ସୃଷ୍ଟି କରିଥିବା କେତେଜଣ ଶିଶୁ ପ୍ରତିଭାଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା ...



# ଅନେକରେ ଏକ

## ସାଇଲେଣ୍ଟ କରୋନା ୱାରିଅର

ଯେତେବେଳେ ମହାମାରୀ କରୋନା ସମଗ୍ର ବିଶ୍ୱରେ ତା'ର କାୟା ମେଲାଇ ଚାଲିଥିଲା, ଆଉ ସମସ୍ତେ ବିଶେଷକରି ପିଲାମାନେ ସ୍କୁଲ୍ ବନ୍ଦଥିବାରୁ ଘରେ ରହି ହତାଶ ହୋଇ ପଡ଼ିଥିଲେ, ସେତେବେଳେ କଟକର ୧୦ ବର୍ଷିଆ ହର୍ଷିଲ ଅଗ୍ରୱାଲ ଏହି ସମୟକୁ ଉପଯୋଗ କରି ନିଜ ଚିତ୍ର ମାଧ୍ୟମରେ କରୋନା ସଚେତନତାର ବାର୍ତ୍ତା ବାଣ୍ଟି ଚାଲିଥିଲେ। ମାର୍ଚ୍ଚ ୨୨ରୁ ମେ ୩ ପର୍ଯ୍ୟନ୍ତ ପ୍ରତିଦିନ କରୋନା ସମ୍ପର୍କିତ ଚିତ୍ର ଆଙ୍କି ସୋସିଆଲ୍ ମିଡିଆରେ ଅପ୍‌ଲୋଡ୍ କରି ଜନସାଧାରଣଙ୍କୁ ସଚେତନ କରାଉଥିଲେ।



କୋଭିଡ୍ ସମୟରେ ତାଙ୍କର ଏହି ପ୍ରଶଂସନୀୟ କାର୍ଯ୍ୟ ଦେଖି ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ୍ସ ତାଙ୍କୁ 'ସାଇଲେଣ୍ଟ କରୋନା ୱାରିଅର୍' ଆଖ୍ୟା ଦେଇଛି। ପ୍ରତିଦିନ ଚିତ୍ର କରିବାକୁ ସେ ୩ ରୁ ୪ ଘଣ୍ଟା ସମୟ ଦେଉଥିବା ବେଳେ ମା' ରିଙ୍କି ଓ ବାପା ସଞ୍ଜୟ ଅଗ୍ରୱାଲ୍ ତାଙ୍କୁ ଏଥିରେ ସାହାଯ୍ୟ କରୁଥିଲେ ବୋଲି ହର୍ଷିଲ୍ ପ୍ରକାଶ କରିଛନ୍ତି। ଏପର୍ଯ୍ୟନ୍ତ ସେ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ୍ସ ସହିତ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ, ଷ୍ଟାର ବୁକ୍ ଅଫ୍ ରେକର୍ଡ୍ସ, ଇଣ୍ଡିଆ ଷ୍ଟାର ପର୍ସନାଲିଟି ଆୱାର୍ଡ ଭଳି ପ୍ରାୟ ୧୬ଟି ରେକର୍ଡ଼ କରି ସାରିଲେଣି। ଏବେ ସେ 'ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସ'ରେ ସ୍ଥାନ ପାଇବାକୁ ଆବେଦନ କରିଛନ୍ତି। ଗିଟାର ବଜାଇବା ସହ ଜଣେ ଭଲ ଚେସ୍ ଖେଳାଳି ଭାବେ ମଧ୍ୟ ସେ ପରିଚିତ। ଏବେ ସେ ସମ୍ପୂର୍ଣ୍ଣ ରାମାୟଣକୁ ଗୋଟିଏ ପେପର୍‌ରେ ଆଙ୍କି ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି।

## ଅଦ୍ୱିତୀୟ ଅଦିଥ୍ ...



ଦୁଇ ବର୍ଷ ବୟସରେ ସବୁ ପ୍ରକାରର ରଙ୍ଗ, ପଶୁପକ୍ଷୀ, ଫୁଲଫଳ, ଜାତୀୟ ପତାକା ଆଦିର ନାଁ ମନେ ରଖି ରେକର୍ଡ଼ କରିବା ବୋଧହୁଏ ଆପଣମାନେ ଖୁବ୍ କମ୍ ଶୁଣିଥିବେ। ହେଲେ, ତେଲେଙ୍ଗାନା କରିମନଗରର ଟଡ୍‌ଲର୍ ଅଦିଥ୍ ବିଶ୍ୱନାଥ ଗୌରୀସେଠୀ ହେଉଛନ୍ତି ସେହି ପ୍ରତିଭାବାନ୍ ପ୍ରତିଭା ଯିଏ ଏ ସବୁକୁ ମନେ ରଖି ରେକର୍ଡ଼ ପରେ ରେକର୍ଡ଼ କରି ଚାଲିଛନ୍ତି। ଖାଲି ସେତିକି ନୁହେଁ କାର୍‌ର ଲୋଗୋ, ଘର କରଣା ଜିନିଷ, ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ, ଗୃହପାଳିତ ପ୍ରାଣୀ, ଇଂଲିଶ୍ ଆଲଫାବେଟ୍ ଇତ୍ୟାଦି କହିବାରେ ମଧ୍ୟ ସେ ବେଶ୍ ସକ୍ଷମ। ମା' ସ୍ନେହିଆ ବାପା ଅରୁଣ ସାଇ ଗୌରୀସେଠୀ କୁହନ୍ତି ଏସବୁ ମନେରଖିବା ଓ ରେକର୍ଡ କରିବା ଲାଗି ଜେଜେବାପା, ଜେଜେ ମା' ତାଙ୍କୁ ବେଶି ଉତ୍ସାହିତ କରନ୍ତି। ମାତ୍ର ୧ବର୍ଷ ୯ମାସରେ ସେ ଏବେ ସୁଦ୍ଧା ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ଼, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼, ତେଲୁଗୁ ବୁକ୍ ଅଫ୍ ରେକର୍ଡ଼ ସହ ଆଉ ଦୁଇଟି ଜାତୀୟ ରେକର୍ଡ଼ କରି ଅଜସ୍ର ସଫଳତା ସାଉଁଟିଛନ୍ତି।

## ସାନ ସିନା କାମ ତା ମହାନ୍



ସମୟ ସହ ତାଳ ଦେଇ ପରିବେଶ ଏବେ ବଦଳିବାରେ ଲାଗିଛି। ତେଣୁ, ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଚେନ୍ନାଇର ସାଇରାମ ମାଟ୍ରିକ୍ୟୁଲେସନ୍ ସ୍କୁଲର ୯ବର୍ଷର ଛାତ୍ର ସର୍ବେଶ ନିଜ ଦୌଡ଼ ମାଧ୍ୟମରେ ସଚେତନତାର ବାର୍ତ୍ତା ବାଣ୍ଟିବା ଆରମ୍ଭ କରିଛନ୍ତି। ବୟସ ସିନା କମ୍, ହେଲେ ନିଜର ଉଚ୍ଚ ଭାବନା ଦ୍ୱାରା ଜୀବଜନ୍ତୁଙ୍କ ସ୍ଥାୟୀ ବିକାଶ, ପରିବେଶ ପ୍ରଦୂଷଣ, ଜନସଂଖ୍ୟା ବୃଦ୍ଧି ସହିତ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଆଦି ଦିଗରେ ସେ ନିଜ ଚେଷ୍ଟା ଜାରି ରଖିଛନ୍ତି। ମାତ୍ର ୯ ବର୍ଷ ବୟସରେ କନ୍ୟାକୁମାରୀଠାରୁ ଚେନ୍ନାଇ ପର୍ଯ୍ୟନ୍ତ ଦୌଡ଼ି ଲୋକମାନଙ୍କୁ ପରିବେଶ ଉପରେ ସଚେତନତାର ବାର୍ତ୍ତା ବାଣ୍ଟି ଚାଲିଛନ୍ତି। କେବଳ ସେତିକି ନୁହେଁ, ପ୍ରାୟ ୨ଲକ୍ଷରୁ ଅଧିକ ଚାରା ଲଗାଇ ସେ ୱାର୍ଲ୍ଡ ରେକର୍ଡ଼ ମଧ୍ୟ କରଛନ୍ତି। ଏହା ସହ ପଛୁଆ ୧ କିଲୋମିଟର ଦୌଡ଼ି ଇଣ୍ଡିଆ ରେକର୍ଡ଼ରେ ବି ସ୍ଥାନ ପାଇଛନ୍ତି। ମାତ୍ର ୬ ବର୍ଷରେ ସେ ୫୬ଟି ମାରାଥନ୍ ରେସ୍‌ରେ ଭାଗ ନେବା ସହ ୪୮୬ କିଲୋମିଟର ରାସ୍ତା ଅତିକ୍ରମ କରିଛନ୍ତି। ନିଜେ ସଚେତନ ହୋଇ ଅନ୍ୟକୁ ସଚେତନ କରିପାରିଲେ ଯାଇ ପରିବେଶ ସୁରକ୍ଷାର ନାରା ସଫଳ ହୋଇପାରିବ ବୋଲି ସେ କହିଛନ୍ତି।



## ସ୍ମରଣଶକ୍ତି ଦେଇଛି ପରିଚୟ



୨୧ ମାସର ରୁଦ୍ରାଂଶୀ ନିଜ ପ୍ରତିଭା ବଳରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଖୋର୍ଦ୍ଧା ଜିଲା ଜଟଣୀ ସହର ବାସିନ୍ଦା ମା' ପଙ୍କଜିନୀ ଓ ବାପା ଜ୍ୟୋତି ପ୍ରକାଶ ପାତ୍ରଙ୍କ ଏକମାତ୍ର କନ୍ୟା ରୁଦ୍ରାଂଶୀ। ମାତ୍ର ୯ ମାସ ବୟସରୁ ସେ କଥା କହିବା ଆରମ୍ଭ କରିଥିଲେ। ଧୀରେ ଧୀରେ ସେ ଅନେକ ଜିନିଷ ମନେ ରଖିବାକୁ ଲାଗିଲେ। ମଣିଷ ଶରୀରର ଅଙ୍ଗପ୍ରତ୍ୟଙ୍ଗ, ଜୀବଜନ୍ତୁ, ଦେବାଦେବୀ, ପଶୁପକ୍ଷୀଙ୍କୁ ଦେଖି ନାମ କହିପାରନ୍ତି। ସେହିପରି ଭାରତ ମାନଚିତ୍ର ଦେଖି ବିଭିନ୍ନ ରାଜ୍ୟ ଚିହ୍ନିବାରେ ସେ ଧୁରନ୍ଧର। ଏଥିସହ ବାର, ତିଥି, ସପ୍ତାହ, ନକ୍ଷତ୍ର, ଜାତୀୟ ପଶୁ, ପକ୍ଷୀ, ଫୁଲ ଏପରି ଅନେକ ବିଷୟକୁ ଥରେ ମାତ୍ର ଦେଖି ଓ ଶୁଣି ମନେ ରଖିପାରନ୍ତି। ପିଲାବେଳେ ଜେଜେବାପା ଓ ଜେଜେମା'ଙ୍କଠାରୁ ଗୀତ ଶୁଣି ମନେ ରଖୁଥିଲେ ଓ ଗାଉଥିଲେ ମଧ୍ୟ। ନିଜ ଝିଅର ଏପରି ପ୍ରତିଭା ସମ୍ପର୍କରେ ଜାଣିବା ପରେ ତାଙ୍କ ବାପା ଅନ୍‌ଲାଇନ୍ ମାଧ୍ୟମରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପାଇଁ ନାମ ପଞ୍ଜୀକୃତ କରିଥିଲେ। ଆଉ ୨୦୨୧ ନଭେମ୍ବର ୮ରେ ରୁଦ୍ରାଂଶୀଙ୍କ ନାମକୁ ଏହି ରେକର୍ଡ଼ ତାଲିକାରେ ଅର୍ନ୍ତଭୁକ୍ତ କରାଯାଇଥିଲା।

-ମୋନାଲୀ ସାହୁ



**ରାଧେଶ ବିଶ୍ୱାଳ**
କ୍ଲାସ-୩, ସାଉଥ୍ ପଏଣ୍ଟ ସ୍କୁଲ, କୋଲକାତା
୧



**ଅନନ୍ୟା ରୁପାଲି ତ୍ରିପାଠୀ**
କ୍ଲାସ-୭, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି
୨



**ଆରାଧ୍ୟା ବିଶ୍ୱାଳ**
କ୍ଲାସ-୧, ଏସ୍‌ବିଡି ଇଣ୍ଟରନ୍ୟାଶନାଲ୍ ସ୍କୁଲ, ଭଦ୍ରକ
୩



**ଦେବାଂଶୁ ଆଚାର୍ଯ୍ୟ**
କ୍ଲାସ-୨, ବିବିଆଇଟି ପବ୍ଲିକ ସ୍କୁଲ, ବୁଗିବୁଗି, କୋଲକାତା
୪



**ଏସ୍.ଏ. ରେହାନ୍**
କ୍ଲାସ-୪, ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ଦେଉଳି, ବେଗୁନିଆ
୫



**ପିୟାଲୀ ରଥ**
କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଯାଜପୁର ଟାଉନ୍, ଯାଜପୁର
୬



**ସିଦ୍ଧେଶ୍ୱର ପ୍ରଧାନ**
କ୍ଲାସ- ୧୦, ଜି. ପି ହାଇସ୍କୁଲ, ବଡକେର୍ଜଙ୍ଗ, ଅନୁଗୁଳ
୭



**ଆଦିତ୍ୟ ପ୍ରସାଦ କର**
କ୍ଲାସ-୬, ଡିଏଭି ପବ୍ଲିକ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର
୮



**ଅଭୀପ୍‌ସା ସାହୁ**
କ୍ଲାସ- ୫, କାର୍ମେଲ କନଭେଟ୍ ସିନିଅର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର
୯



**ଆଦିତ୍ୟ ପ୍ରଭୁପ୍ରସାଦ ସାହୁ**
କ୍ଲାସ-୧, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ଓଲ୍‌ଡ ଟାଉନ୍, ଭୁବନେଶ୍ୱର
୧୦



୧



୨



୩



୭



୪



୫



୬



୮



୯



୧୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ସର୍ବକନିଷ୍ଠ କମ୍ପ୍ୟୁଟର ପ୍ରୋଗାମର୍

ପିଲାମାନେ, କିଏ ଶାରୀରିକ ବଳ କିମ୍ବା ମାନସିକ ଭାବରେ ନିଜର ଦକ୍ଷତା ଦେଖାଏ ତ କିଏ ଟେକ୍ନୋଲଜି ମାଧ୍ୟମରେ। ଠିକ୍ ସେହିପରି କାରିଗରୀ ବିଦ୍ୟାରେ ନିଜର ପ୍ରତିଭାର ପରିଚୟ ଦେଇ ଚର୍ଚ୍ଚାକୁ ଆସିଛନ୍ତି ୬ବର୍ଷୀୟ ଓମ୍। ସେ ଦୁନିଆର ସର୍ବକନିଷ୍ଠ କମ୍ପ୍ୟୁଟର ପ୍ରୋଗାମର୍ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ କରିଛନ୍ତି। ଗୁଜରାଟ ଅହମ୍ମଦାବାଦର କ୍ଲାସ-୨ର ଛାତ୍ର ଅରହମ୍ ଓମ୍ ତଲସାନିଆଙ୍କର ପ୍ରୋଗ୍ରାମିଂ ପ୍ରତି ଅହେତୁକ ଆଗ୍ରହ ସୃଷ୍ଟି ହୋଇଥିଲା। ଏହାକୁ ଲକ୍ଷ୍ୟ କରି ତାଙ୍କର ପିତା ତାଙ୍କୁ କୋଚିଂର ବ୍ୟବସ୍ଥା କରିଥିଲେ। ମାଇକ୍ରୋସଫ୍ଟ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓମ୍ ପାଇଥନ୍ ପ୍ରୋଗ୍ରାମିଂରେ ସଫଳତା ହାସଲ କରିଥିଲେ। ଏଥିପାଇଁ ତାଙ୍କ ପରିବାର ଗର୍ବ ଅନୁଭବ କରିଛନ୍ତି ବୋଲି ଓମ୍ଙ୍କ ପିତା କୁହନ୍ତି। ସେ ପୁଅର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସବୁବେଳେ ତାଙ୍କୁ ଉତ୍ସାହିତ କରନ୍ତି। ମାଇକ୍ରୋସଫ୍ଟ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମ ମାଇକ୍ରୋସଫ୍ଟର ପିଆରସନ ଭ୍ୟୁ ଟେଷ୍ଟ ସେଣ୍ଟରରେ ଅନୁଷ୍ଠିତ ହୋଇଥିଲା। ଓମ୍ ପାକିସ୍ତାନର ୭ ବର୍ଷର ମହମ୍ମଦ ହାମଜା ଶେହଜାଦଙ୍କ ଗିନିଜ୍ ୱାର୍ଲ୍ଡ ରେକର୍ଡକୁ ମଧ୍ୟ ଭାଙ୍ଗିଛନ୍ତି।




## ଏଥରର

- ଚନ୍ଦ୍ରରେ ପାଦ ଥାପିଥିବା ପ୍ରଥମ ମଣିଷ ?
- ଭାରତର ପ୍ରଥମ ମହାକାଶଚାରୀ ?
- ବିଶ୍ୱର ଗଭୀରତମ ନଦୀ କେଉଁଟି ?
- ଜର୍ମାନୀର ଅଧିବାସୀମାନଙ୍କୁ କ'ଣ କୁହାଯାଏ ?
- କ୍ରିପ୍ଟୋ କରେନ୍ସିକୁ କିଏ ଉଦ୍ଭାବନ କରିଥିଲେ ?

## ଗତଥରର ଉ ତ ର

- ୫ଟି
- ଟ୍ୟାଡପୋଲ୍
- ଯମୁନା
- ଓଟପକ୍ଷୀ
- ମାର୍କୋନୀ



## କହିଲ ଦେଖି

୧. ପରସ୍ତ ପରସ୍ତ ଶାଢ଼ି ପିନ୍ଧେ ସିନା
ସତରେ ସେ କିନ୍ତୁ ନୁହଁଇ ନାରୀ
ଯିଏ ଯେତେବେଳେ କାଟିବ ତାହାକୁ
ଆଖିରୁ ଲୋତକ ପଡ଼ିବ ଝରି।
ଓଲି ବୋଲି କେହି କୁହନ୍ତି ତାହାକୁ
ସେ ପାଇଁ କରେନି କେବେ ସେ ରାଗ
ପଖାଳ ଖାଇବା ବେଳରେ ସଭିଏଁ
ଲୋଡ଼ନ୍ତି ତାହାକୁ ସରାଗେ ଆଗ।



ଉତ୍ତର... ପିଆଜ



୨. ଅଗଣା ଚଟାଣ ଅସନା ହୋଇଲେ
ପହିଲେ ତ ମୋତେ ଖୋଜ
ଘରକୋଣରେ ମୁଁ ପଡ଼ିରହିଥାଏ
ଶୋଇବାକୁ ନାହିଁ ଶେଯ
ମୋତେ ପାଇଗଲେ ସଅଳ ସଅଳ
ସଫା ହୁଏ ଘରଦ୍ୱାର
ସେବାରେ ସେବାରେ ବିତେ ମୋ ଜୀବନ
ସେତିକି ଆନନ୍ଦ ମୋର।

ଉତ୍ତର... ଝାଡୁ

୩. ବିଲହିଡ଼ କଡ଼େ ଗଡ଼ିଆ ଆଡ଼ିରେ
ଗାତ କରି ବାସ କରେ
ଦଶ ଗୋଡ଼ ମୋର ଆଖି ଏମିତି ଯେ
ଚାରିପାଖ ଦେଖିପାରେ।
ମୋତେ ନେଇ ତୁମେ ରାନ୍ଧି ଦେଇପାର
ସୁଆଦିଆ ତରକାରି
କାମୁଡ଼ିଦିଏ ମୁଁ ମୋ ଦୁଇ ଗୋଡ଼ରେ
ଯିଏ ମୋତେ ନିଏ ଧରି।
ମୋ ନାମରେ ଏକ ରାଶି ରହିଅଛି
ରହିଚି ବି ଏକ ରୋଗ
ଚିହ୍ନି ସାରିବଣି ମୁଁ କିଏ ବୋଲି
ଏବେ କହିଦିଅ ଆଗ।



ଉତ୍ତର... କଙ୍କଡ଼ା

–ବିନୟ କୁମାର ଦାସ
ଅଂଗାରଗଡ଼ିଆ, ବାଲେଶ୍ୱର-୧



## କବିତା

### ଥରାଏ ସଭିଙ୍କ ହିଆ

ଶୀତଋତୁ ମାସ କାର୍ତ୍ତିକରୁ ମାଘ
ଥରାଏ ସଭିଙ୍କ ହିଆ,
ସାଲ୍ ସ୍ୱେଟର କାଡିଗନାଦିର
ଆଦର ଭାରି ବଢ଼ିଆ।
କୁହୁଡ଼ି କାକର ଶୀତୁଆ ସକାଳ
ପ୍ରାତଃରେ ବଢ଼ାଏ ଶୀତ,
ରେଜେଇ କମ୍ବଳ ରାତିର ସମ୍ବଳ
ଯୋଗାନ୍ତି ଉଷୁମ ସେ ତ।
ପୂରୁବ ଆକାଶେ ସୂରୁଯ ପ୍ରକାଶେ
ଶୀତ ଯାଏ ଘୁଞ୍ଚି ଘୁଞ୍ଚି,
ଶୀତ ଆଭରଣ ହୁଏ ଅକାରଣ
ନ ଆସିବା ଯାଏଁ ରାତି।
ରୁପେଲି କାକରେ ସୁନେଲି କିରଣ
ଦିଶେ କେଡ଼େ ମନୋହର,
ଫୁଲର ବଗିଚା ଘାସର ଗାଲିଚା
ସତେ ଇନ୍ଦ୍ରଙ୍କ କାନନ!
ଭିଜା କାକରରେ ବୁଲି ଆସି ଥରେ
ଜିନିଆ ଡାଲିଆ ସାଥେ।
ଗ୍ରୀଷ୍ମମାସ ଫୁଲ ଭାରି ତା'ର ମୂଲ
ଝୁରେ ବଡ଼ଦିନ ସୁଖେ।

–ମାନସ କୁମାର ବାରିକ
ପ୍ରଧାନ ଶିକ୍ଷକ, ପଳସା ଉପ୍ରା
(ମ.ଇ) ବିଦ୍ୟାଳୟ, ଖଇରା,
ବାଲେଶ୍ୱର

### ଶୀତ କାକର

ମଗୁଶିର ମାସ ଶୀତ କାକର
ପୁଷ ମାସେ ବଢ଼ିଯାଏ,
ମାଘ ମାସ ଶୀତ ବାଘ ପରିକା
ଦେହକୁ ଥରେଇଦିଏ।
ଗଗନରୁ ଝରି ଶିଶିରବିନ୍ଦୁ
ବରଷା ଭଳିଆ ଦିଶେ,
ଗେଣ୍ଡୁଫୁଲ ଫୁଟି ବଗିଚା କୋଳେ
ମୁରୁକି ମୁରୁକି ହସେ।
ଗୋବରରେ ଲିପା ପବିତ୍ର ଖଳା
ବିଲ ବାଡ଼ି ହସ ହସ,
ଧାନକଟା ଦୃଶ୍ୟ ଦେଖିଲେ ଥରେ
ମନ ହୋଇଯାଏ ତୋଷ।
ହାଟ, ବଜାର ପସରାଟି ମେଲି
ଦେଇଛି ଦେଖରେ ଦେଖ,
ଭଳିକି ଭଳି ପନିପରିବା
ସୁଆଦକୁ ଟିକେ ଚାଖ।
ଚୁଲି ପାଖେ ବସି ନିଆଁ ପୋଇଁବା
ମଜାରେ ଆନନ୍ଦ ମିଳେ,
କାଠୁଆ ଶୀତକୁ ଗରମ ଖାଦ୍ୟ
ତାହା ଆଡ଼େ ମନ ବଳେ।

–ବସନ୍ତ କୁମାର ଦାସ, ରମ୍ଭା,
ବରି, ଯାଜପୁର



### ଗୁରୁଜନ

ସଦା ବନ୍ଦନୀୟ ଗୁରୁ ଗୁରୁଜନ
ଶ୍ରଦ୍ଧା ଭକ୍ତି ପୂଜାସ୍ପଦ
ତାଙ୍କରି କରୁଣା କୃପା ଆଶିଷରୁ
ରହେନା ସୁଖର ହଦ।
ଉଦ୍ୟାନ ସମାନ ଏହି ଉପବନେ
ଆମେ ସବୁ ଛୋଟ କଢ଼ି
ମହାଦ୍ରୁମ ତରୁ ତାଙ୍କ ଛତ୍ରଛାୟା
ରହିଛି ଆମକୁ ବେଢ଼ି।
ଅମୃତ ନିଳୟ ବସନ୍ତ ମଳୟ
ଇନ୍ଦ୍ରଧନୁ ସାତ ରଙ୍ଗ
ଏ ଫଗୁଣ ଚୋରି ଚଇତାଳି ତାଙ୍କ
ଉପଭୋଗ୍ୟ ସାଥୀ ସଙ୍ଗ।
ରଖି ଅନୁରକ୍ତି ବାଢ଼ି ଅଭିବ୍ୟକ୍ତି
ସ୍ନେହ ବୋଳା ପଦବାଚ୍ୟେ
ନମ୍ର ସ୍ୱଭାବରେ ସମ୍ମାନ ପରଶି
ରହୁଥିବା ତାଙ୍କ ନୀଚେ।
ଅନୁନୟ ବିନୟ ହୋଇ ମାଗୁଥିବା
ଅଳି ଅଝଟର ଚିଜ
ହରଷ ମନରେ ତୋଳି ଧରୁଥିବା
କାରଣ କାରକ ହେଜ।
ଗୁରୁଜନ ଜ୍ଞାନ ଅହଂ ଭାବେ ଲଂଘେ
ଯେ ତୋଷାମଦିଆ ପାଇଁ
ସେ ସମାଜ ବିଧି ଅଧୁନାକୁ ବ୍ୟାଧି
ତାକୁ ତ ନିସ୍ତାର ନାହିଁ।
ସଫଳ ବିଫଳ କର୍ମ ଯେଉଁ ଫଳ
ଯାହା ବୁଣୁ କାଟୁ ତାହା
ଗୁରୁଜନ ସେବା ଆଦର ଯତନ
ଅନୁଭବୀ ସୁଖ ଯାହା।
ଗୁରୁଜନ କଥା ଅବଜ୍ଞା ନକରି
ରଖିବା ତାଙ୍କର ମାନ୍ୟ
ତାଙ୍କ ଶୁଭାଶିଷେ ଭଲ ମଣିଷରେ
ସମାଜେ ହୋଇବା ଗଣ୍ୟ।

–ଛବିରାଣୀ ପତି,
ଜଗତ୍‌ସିଂହପୁର



**ବିଶ୍ୱର ଉଚ୍ଚତମ ବିଲ୍ଡିଂ**
ଦୁବାଇର ‘ବୁର୍ଜ ଖଲିଫା’ ହେଉଛି ବିଶ୍ୱର ସବୁଠୁ ଉଚ୍ଚତମ ବିଲ୍ଡିଂ, ଯାହାର ଉଚ୍ଚତା ରହିଛି ୮୨୮ ମିଟର। ପୂର୍ବରୁ ଉଚ୍ଚତମ ବିଲ୍ଡିଂ ଭାବେ ପରିଚିତ ଆଇଫଲ୍ ଟାୱାରଠାରୁ ଏହା ଅଢ଼େଇ ଗୁଣ ବଡ଼। ତୁମେମାନେ ଜାଣି ଆଶ୍ଚର୍ଯ୍ୟ ହେବ, ଏହି ବିଲ୍ଡିଂରେ ଲକ୍ଷେ ହାତୀ ରହିପାରିବେ।


# Rhythm

**ଇଂଲିଶ୍‌ରେ ବ୍ୟଞ୍ଜନ ବର୍ଣ୍ଣକୁ ନେଇ ଗଠିତ ଶବ୍ଦ**
ପିଲାମାନେ, ତୁମେ ତ ସବୁ ଇଂଲିଶ୍ ଶବ୍ଦକୋଷର ବଡ଼ ଶବ୍ଦ ବିଷୟରେ ଜାଣିଥିବ। ହେଲେ, ଇଂଲିଶ୍ ଶବ୍ଦ RHYTHM ହେଉଛି ସବୁଠୁ ବଡ଼ ଶବ୍ଦ, ଯେଉଁଥିରେ ସ୍ୱରବର୍ଣ୍ଣ ନ ଥାଏ। ଏହା କେବଳ ବ୍ୟଞ୍ଜନ ବର୍ଣ୍ଣକୁ ନେଇ ଗଠିତ।


**ଦ୍ରୁତଗତିରେ ଦୌଡ଼ୁଥିବା ପକ୍ଷୀ**
ସବୁଠୁ ଦ୍ରୁତଗତିରେ ଦୌଡ଼ୁଥିବା ପକ୍ଷୀ ହେଉଛି ଓଟପକ୍ଷୀ (ଓଷ୍ଟ୍ରିଚ୍)। ଏମାନେ ଘଣ୍ଟାକୁ ୮୦ କିଲୋମିଟର ପର୍ଯ୍ୟନ୍ତ ଦୌଡ଼ିପାରନ୍ତି। ଫାଇଟ୍‌ଲେସ୍ ବାର୍ଡ଼ ଭାବେ ପରିଚିତ ଏମାନଙ୍କର ଦାନ୍ତ ନଥାଏ। ସେଥିପାଇଁ ଏମାନେ ଖାଦ୍ୟକୁ ପାକୁଳେଇ ଖାଇଥାନ୍ତି ଏବଂ ପାଣି ନ ପିଇ ବି ବହୁ ଦିନ ଯାଏଁ ରହିପାରନ୍ତି। କାରଣ ସେମାନଙ୍କୁ ଖାଦ୍ୟରୁ ହିଁ ପାଣି ମିଳିଯାଏ।



# ଜଣା ଅଜଣା



**ଠିଆ ହୋଇ ଶୋଉଥିବା ପ୍ରାଣୀ**
ଗାଈ, ଘୋଡ଼ା, ଜେବ୍ରା ଆଦିକୁ ତ ତୁମେମାନେ ନିଶ୍ଚୟ ଦେଖିଥିବ। ହେଲେ, ସେମାନେ କେମିତି ଶୁଅନ୍ତି ତାହା କେବେ ଦେଖିଛ ? ଏମାନେ ନିଜକୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସାଧାରଣତଃ ଛିଡ଼ା ହୋଇ ଶୋଇଥା'ନ୍ତି।



**ମନୁଷ୍ୟ ଶରୀରରେ ସ୍ନାୟୁସଂଖ୍ୟା**
ଶରୀରର ଏକ ମୁଖ୍ୟ ଅଂଶ ସ୍ନାୟୁ। ପ୍ରାୟ ୭ ଟ୍ରିଲିୟନ୍‌ରୁ ଅଧିକ ସ୍ନାୟୁ ଆମ ଶରୀରରେ ରହିଛି। ପରସ୍ପରଠାରୁ ଏମାନେ ଅଲଗା ହେଲେ ମଧ୍ୟ ପରିପୂରକ ଭାବେ କାମ କରିଥା'ନ୍ତି।

# ଆ ଇ ନା

ସାନ୍‌ଭି
୧୦ ବର୍ଷ



ଅନିମେଶ
୯ ବର୍ଷ



ଅର୍ପିତା
୧୨ ବର୍ଷ

